## ସଂକ୍ଷେପରେ

### କ୍ୟାମେରାରେ ଧରାପଡ଼ିଲା ମୋବାଇଲ ଚୋରି

**ସିମୁଲିଆ, ୪।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଲିଆ ବ୍ଲକ ସଦର ମହକୁମା ମାର୍କୋଣା ଛକରେ ଥିବା ପଣ୍ଡା ସେଲସ୍ ନାମକ ଭେରାଇଟି ଷ୍ଟୋରରୁ ଦୁଇଟି ମୋବାଇଲ ଚୋରି ହେବା ମାମଲାରେ ଏହି ଦୋକାନର ଜଣେ ମହିଳା କର୍ମଚାରୀଙ୍କୁ ପୋଲିସ ଅଟକ ରଖିଛି । ଉକ୍ତ ମହିଳାଜଣଙ୍କ ଏହି ଦୋକାନରେ ନିଯୁକ୍ତି ହୋଇଥିଲେ। ପରେ ଦୁଇଟି ଦାମୀ ମୋବାଇଲ ନ ଥିବା ଜଣାଯିବା ପରେ ଦୋକାନ ମାଲିକ ପ୍ରଦୀପ କୁମାର ପଣ୍ଡା ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ଥାନାରେ ଅଭିଯୋଗ କରିଥିଲେ ।

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବାହାନଗା, ୪।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ରାସ୍ତାରୁ ଜଣେ ଯୁବକ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୩/୨୨) ରୁଜୁ କରି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଥିଲା। ଉକ୍ତ ଛାତ୍ରୀଙ୍କୁ ନୀଳଗିରି ଅଞ୍ଚଳର ଏକ ମନ୍ଦିରରେ ଅପହରଣକାରୀ ଯୁବକ ବିବାହ କରୁଥିବା ବେଳେ ପୋଲିସ୍ ପହଞ୍ଚିଯାଇଥିଲା। ହେଲେ ଉକ୍ତ ଯୁବକ ନାବାଳିକାଙ୍କୁ ଧରି ଚମ୍ପଟ ମାରିଥିଲେ। ପୋଲିସ୍ ସେଠାରୁ ନିରାଶ ହୋଇ ଫେରିଥିଲା ।

### ବାହାଘରରୁ ଫେରିବା ବେଳେ ବାଇକ୍‌ରୁ ପଡ଼ି ମହିଳା ମୃତ

**ଭଦ୍ରକ ଅଫିସ, ୪।୫:** ଭଦ୍ରକ ଜିଲା ବନ୍ତ ବ୍ଲକ ସରମରା ଗ୍ରାମର ଜଣେ ମହିଳା ଭାଣିଜୀ ବାହାଘର ସାରି ଫେରିବା ବେଳେ ରାସ୍ତାରେ ବାଇକ୍‌ରୁ ଖସି ପଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଶୈଳବାଳା ନାୟକ। ସୂଚନା ମୁତାବକ ଉକ୍ତ ଗ୍ରାମର ନାରାୟଣ ନାୟକଙ୍କ ସ୍ତ୍ରୀ ଶୈଳବାଳା ଆଗରପଡ଼ା ସ୍ଥିତ ଏକ ମଣ୍ଡପରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ହେଉଥିବା ତାଙ୍କ ଭାଣିଜୀ ବାହାଘରକୁ ଯାଇଥିଲେ। ବାହାଘର ସାରି ବୁଧବାର ବାଇକ୍‌ରେ ଘରକୁ ଆସୁଥିବା ବେଳେ ଆଗରପଡ଼ା ଜାମବଣୀ ରାସ୍ତାର କାଦବରାଙ୍ଗ ନିକଟରେ ବାଇକ୍‌ରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପହଞ୍ଚିବା ପରେ ଉକ୍ତ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

### ଟ୍ରକ୍ ପଛରେ ପିଟିହୋଇ ବାଇକ୍‌ଆରୋହୀ ମୃତ

**ପାଟଣା,୪।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥ ଧାନବେଣୀ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଟ୍ରକ୍ ପଛରେ ଏକ ବାଇକ୍ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁରୁମୁଙ୍ଗା ଥାନା ଖୀରେଇଟାଙ୍ଗିରୀ ପଞ୍ଚାୟତ ତାଳପଦା ଗ୍ରାମର ଦୀନବନ୍ଧୁ ନାଏକ। ତୁରୁମୁଙ୍ଗା ପୋଲିସ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଘର ଭାଙ୍ଗିବା ଅଭିଯୋଗରେ ୧୦ ଗିରଫ

**ସିମୁଲିଆ, ୪।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଲିଆ ଥାନା କ୍ଷୀରକୋଣା ପଞ୍ଚାୟତ ଅଧୀନ ନରଣପୁର ଅଞ୍ଚଳର ଦେବେନ୍ଦ୍ର ମଲିକଙ୍କ ଘର ଭାଙ୍ଗିବା ଅଭିଯୋଗରେ ପୋଲିସ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ରାଧାକାନ୍ତ ମଲିକ, ପିତାମ୍ବର ମଲିକ, ରଘୁନାଥ ମଲିକ, ସନ୍ତୋଷ ମହାନ୍ତି, ଶରତ ମଲିକ, ଅମର ମଲିକ, ନାରାୟଣ ମଲିକ, କାର୍ତ୍ତିକ ମଲିକ, ନିରଞ୍ଜନ ମଲିକ ଓ କମଳାକାନ୍ତ ମଲିକ। ଦେବେନ୍ଦ୍ର ସରକାରୀ ଜମିରେ ଘର ନିର୍ମାଣ କରିଥିବା ଦର୍ଶାଇ ପୂର୍ବରୁ ଗ୍ରାମବାସୀ ସଭା କରି ତାଙ୍କୁ ଘର ଭାଙ୍ଗିବା ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ପୁଅ ବାହାଘର ଦର୍ଶାଇ ଦେବେନ୍ଦ୍ର ଏହାକୁ ଟାଳିବା ପାଇଁ ଚାହୁଁଥିବାରୁ କେତେକ ଗ୍ରାମବାସୀ ତାଙ୍କ ଘରକୁ ଭାଙ୍ଗି ଦେଇଥିବା କୁହାଯାଇଛି। ଘର ଭଙ୍ଗାଯିବା ସମ୍ପର୍କରେ ଗତ ସୋମବାର ଦେବେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ । ଦେବେନ୍ଦ୍ର ନିଜ ବ୍ୟକ୍ତିଗତ ଜମିରେ ଘର ନିର୍ମାଣ କରିବା ସହିତ ନିଜ ଜମିକୁ ଲାଗିଥିବା ସରକାରୀ ଜମିରୁ କିଛି ଘେରିଥିଲେ । ଯାହା ମାପ ପରେ ବାହାର କରାଯାଇପାରିବ ବୋଲି ସେ ଦର୍ଶାଇଥିଲେ। ଅପରପକ୍ଷେ ଦେବେନ୍ଦ୍ର ସରକାରୀ ଜମିରେ ଘର ନିର୍ମାଣ କରିଥିବା ଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୁକ୍ତମାନେ ସୂଚନା ଦେଇଥିଲେ । ପୋଲିସ ବୁଧବାର ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ଏନେଇ ମାମଲା (ନଂ.୧୪୪/୨୨) ରୁଜୁ ହୋଇଛି।

# ଔଷଧ ଅଭାବ ନେଇ ଉତ୍ତେଜନା

## ଉଗରାରେ ମେଗା ସ୍ୱାସ୍ଥ୍ୟମେଳା

**ବାଲିଆପାଳ, ୪।୫(ସ୍ୱ.ପ୍ର.)**


ସ୍ୱାସ୍ଥ୍ୟ ଶିବିରରେ ଉତ୍ତେଜନା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଉଗରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ ଲିମିଟେଡ୍ ଓ ଲାୟନ୍ସ କ୍ଲବ ବାଲେଶ୍ୱର ପକ୍ଷରୁ ମିଳିତ ଭାବେ ବୁଧବାର ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ଅଞ୍ଚଳରୁ ୩ଶହରୁ ଅଧିକ ରୋଗୀଙ୍କୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ବିଭିନ୍ନ ବିଭାଗରେ ରୋଗୀ ଚିକିତ୍ସିତ ହୋଇ ଔଷଧ ନ ପାଇବାରୁ ଉତ୍ତେଜନା ଦେଖାଦେଇଥିଲା। ପରେ ଚକ୍ଷୁ ବିଭାଗରେ ରୋଗୀମାନଙ୍କ ଆଖି ଠିକ୍ ଭାବେ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଗୋଗୀମାନଙ୍କୁ ଦିଆଯାଇଥିଲା।

ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀରୋଗ, ଦନ୍ତ ବିଭାଗର ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଲୋକଙ୍କ ଚିକିତ୍ସା କରିଥିଲେ। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସ୍ତ୍ରୀ ରୋଗ ବିଶେଷଜ୍ଞ ବେଣୁଧର ଭୋଇ ସ୍ୱାସ୍ଥ୍ୟମେଳାରେ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ସୁବର୍ଣ୍ଣରେଖା ବନ୍ଦର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସୁବର୍ଣ୍ଣରେଖା ବନ୍ଦର ଟାଟା କମ୍ପାନୀ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଏଭଳି ସ୍ୱାସ୍ଥ୍ୟ କ୍ୟାମ୍ପ କରାଯିବା ସହିତ ଉଗରା ବେଳାଭୂମିର ସୌନ୍ଦର୍ଯ୍ୟକରଣ କରାଯିବ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଆଇଟିଆଇ ସ୍କୁଲ୍ ଖୋଲାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ତହସିଲଦାର ଓ ବିଡିଓ ଦାୟିତ୍ୱରେ ଥିବା ଅଧିକାରୀ ଦୀପକ ଦାସ, ଉଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା ଏବଂ ବାଲେଶ୍ୱର ଲାୟନ୍ସ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ। ତେବେ ଶିବିର ସମ୍ପର୍କରେ କେତେଜଣ ୱାର୍ଡ଼ ସଦସ୍ୟଙ୍କୁ ଅବଗତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ପ୍ରେମିକାଙ୍କୁ ବଧୂ ବେଶରେ ଦେଖି ଜୀବନ ହାରିଲେ ପ୍ରେମିକ

**ସୋର, ୪।୫(ଡି.ଏନ.ଏ.)**

ପ୍ରେମିକାଙ୍କ ବଧୂ ବେଶରେ ଦେଖିବା ପରେ ବେକରେ ରଶି ଲଗାଇ ଗଛରେ ଝୁଲିପଡିଲେ ଯୁବକ। ଘଟଣା ଘଟିଛି ସୋର ଅଞ୍ଚଳରେ। ମୃତ ଯୁବକ ହେଲେ ମାଣତ୍ରୀ ପଞ୍ଚାୟତ ଜହ୍ନିଆ ଗ୍ରାମର ପ୍ରଦୀପ ମଲିକ(୨୨)। ସେ ଗୁଜରାଟରେ ରହି ଘରୋଇ କମ୍ପାନୀରେ କାମ କରି ପରିବାର ପୋଷୁଥିଲେ। ସେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ୪ ଦିନ ପୂର୍ବେ ସେ ଘରକୁ ଫେରି ପ୍ରେମିକାଙ୍କୁ ଭେଟିବାକୁ ସଫଳ ହୋଇ ନ ଥିଲେ। ମଙ୍ଗଳବାର ରାତିରେ ପ୍ରେମିକାଙ୍କ ବାହାଘର ଅନ୍ୟତ୍ର ହୋଇଯିବା ଖବରପାଇ ପ୍ରଦୀପ ମାନସିକ ଭାରସାମ୍ୟ ହରାଇ ବୁଧବାର ସକାଳେ ମଦ ବୋତଲ ସହିତ ଏକ ରଶି ନେଇ ଘରଠାରୁ କିଛିଦୂରରେ ଥିବା ଏକ ଆକାଶୀ ଗଛ ଡାଳରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିଜେଡିର କର୍ମୀ ସମ୍ମିଳନୀ


ଦଳରେ ନୂଆକରି ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ବାହାନଗା, ୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଗ୍ରାମର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ନୀଳଗିରି ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଥିବା ବେଳେ ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ୧୮ନମ୍ବର ଜିଲା ପରିଷଦ ଜୋନର ସଭ୍ୟ ନିଳାମ୍ବର ମହାଳିକ, ପଞ୍ଚାୟତ ସଭାପତି ରବୀନ୍ଦ୍ର ଜେନା, ଦାମୋଦର ବିଶ୍ୱାଳ, ଦିଲୀପ କୁମାର ଦାସ, ଜଗନ୍ନାଥ ଦାସ, ସନ୍ତୋଷ ରାଉତ ଓ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ଖଟୁଆ ଯୋଗଦେଇ କର୍ମୀମାନେ ଏକ ମନ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ମିଶ୍ରଣ ପର୍ବରେ ଭାଜପାର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ପଣ୍ଡାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଦଳ ତ୍ୟାଗ କରି ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ।

# ପାଠପଢ଼ାରେ ସାମିଲ ପାଇଁ ଅଭିଯାନ

**ବାଲେଶ୍ୱର ଅଫିସ, ୪।୫**



ସାକ୍ଷରତା ଅଭିଯାନ ମାଧ୍ୟମରେ ସଚେତନ କରାଯାଉଛି।

ବାଲେଶ୍ୱର ସହର ତେଲେଙ୍ଗାସାହିସ୍ଥିତ ବସ୍ତିରେ ଥିବା ଛାତ୍ରୀଛାତ୍ରମାନେ ପାଠପଢ଼ାର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ମଙ୍ଗଳବାର ଏକ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଛି। ମହାମାରୀ କରୋନା ଯୋଗୁ ବସ୍ତି ଅଞ୍ଚଳରେ ଥିବା ବହୁ ଛାତ୍ରୀଛାତ୍ର ପାଠପଢ଼ାରୁ ଦୂରେଇ ଯାଇଥିବା ଦେଖିବାକୁ ମିଳିଛି। ଦାରିଦ୍ର୍ୟତା କାରଣରୁ ସେମାନେ ବିଦ୍ୟାଳୟକୁ ନ ଯାଇ ବିଭିନ୍ନ କାମଦାମରେ ଯୋଗଦେଇ ଅର୍ଥ ଉପାର୍ଜନ କରି ପରିବାରକୁ ସହାୟତା କରୁଛନ୍ତି। ଫଳରେ ସେମାନେ ପାଠପଢ଼ାଠାରୁ ଦୂରେଇ ଯାଉଛନ୍ତି। ଶିକ୍ଷୟିତ୍ରୀଙ୍କ ଏହି ନିଆରା ପ୍ରୟାସ ସେମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହେବାର ଆଶାପୋଷଣ କରାଯାଇଛି।

ସଦର ବ୍ଲକ ଶିକ୍ଷା ଅଧିକାରୀ ମିହିର କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କରୋନା ସମୟରେ ଦୁଇବର୍ଷ ହେବ ପିଲାମାନଙ୍କ ପାଠପଢ଼ା ବନ୍ଦ ଥିବା ଯୋଗୁ ସେମାନଙ୍କୁ ପୁଣି ଥରେ ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଶିକ୍ଷୟିତ୍ରୀ ପାଣିଗ୍ରାହୀଙ୍କ ଉଦ୍ୟମ ବେଶ୍ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡା, ରୋଟାରିଆନ ଡ. କୁମାର ଗୋପାଲ, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଶାକର୍ମୀ କଳ୍ପଲତା ଦାସ, ଅଙ୍ଗନୱାଡ଼ି ଦିଦି ଗୌରିମଣି ମହାପାତ୍ର, ପ୍ରଭାତୀ ଦାସଙ୍କ ସମେତ ବହୁ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କ ପାଠପଢ଼ା ପାଇଁ ଆଗ୍ରହ ବଢ଼ିବ ବୋଲି କହିଥିଲେ।

## ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

**କୁଆମରା, ୪।୫ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟର ମୁଖ୍ୟ ପ୍ରମୋଦ କୁମାର ନାୟକ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ତାପସ କୁମାର ଆଚାର୍ଯ୍ୟ, ମୁଖ୍ୟ ପୁରୋହିତ ନିଶାକର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଠାକୁରଙ୍କ ନୀତିକାନ୍ତି ସହ ସୂର୍ଯ୍ୟପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଆଦି ସମ୍ପନ୍ନ କରିଥିଲେ। ଅପରାହ୍ନରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

# ମା’ ବାସୁଳୀ ପୀଠରେ ବୈଶାଖୀ ଉତ୍ସବ

**ଭୋଗରାଇ, ୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମା’ ବାସୁଳୀ ପୀଠରେ ବୁଧବାର ସନ୍ଧ୍ୟାରେ ବୈଶାଖୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ବହୁ ଆକାଂକ୍ଷୀତ ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ।

ବୈଶାଖୀ ଉତ୍ସବ ସଭାପତି ତଥା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ରମାକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ମା’ ବାଶୂଳୀ ପୀଠରେ ଐତିହ୍ୟ, କିମ୍ବଦନ୍ତୀ, ଐତିହାସିକ ତଥ୍ୟ ସହ ସାମ୍ପ୍ରଦାୟିକ ସଦ୍‌ଭାବନାର ବୈଶାଖୀ ଉତ୍ସବ ସେତୁ ବାନ୍ଧେ ବୋଲି ମତ ପ୍ରକାଶ କରିଥିଲେ। ମଙ୍ଗଳବାର ଏହି ବୈଶାଖୀ ଉତ୍ସବ ଉଦ୍‌ଘାଟିତ ହେବାକୁ ଥିଲେ ମଧ୍ୟ କାଳବୈଶାଖୀ ଝଡ଼ରେ ଉତ୍ସବ ଉଦ୍‌ଘାଟନକୁ ବନ୍ଦ କରାଯାଇଥିଲା। ବୁଧବାର ପାଗ ଅନୁକୂଳ ଥିବାରୁ ଉତ୍ସାହ ଉଦ୍ଦୀପନା ମଧ୍ୟରେ ବୈଶାଖୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# କନିଷ୍ଠ ଶିକ୍ଷକ ନିଯୁକ୍ତି ଦାବି

**ବାରିପଦା ଅଫିସ,୪।୫:** ମୟୂରଭଞ୍ଜ ଜିଲାରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀର ତାଲିକା ପ୍ରସ୍ତୁତ କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ପ୍ରଦାନ କରିବା ନେଇ ଜିଲା କନିଷ୍ଠ ଶିକ୍ଷକ ଆଶୟୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଦାବି କରାଯାଇଛି। ଜିଲାରେ ଥିବା ସମସ୍ତ ସ୍କୁଲରେ କନିଷ୍ଠ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ୨ହଜାରରୁ ଊର୍ଦ୍ଧ୍ୱ ଆଶୟୀ ଛାତ୍ରୀଛାତ୍ର ଶିକ୍ଷକତା ବୃତ୍ତିକୁ ଆପଣାଇବା ପାଇଁ ଅପେକ୍ଷାରେ ଅଛନ୍ତି । ଖାଲି ପଡ଼ିଥିବା ଶିକ୍ଷକ ପଦବୀକୁ ଦୃଷ୍ଟିରେ ନ ରଖି ବିଦ୍ୟାଳୟ ସଂଖ୍ୟା ଓ ପ୍ରତିଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ନିଯୁକ୍ତି କରିବାକୁ କରୁଣାମୟ ପୃଷ୍ଟି, ବିପାଶା କଚ୍ଛପ, ମମତା ମହାନ୍ତଙ୍କ ସମେତ ଆଶାୟୀମାନେ ଦାବି କରିଛନ୍ତି।

ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନ ଥିବା ବେଳେ ୨୦୧୬ରୁ ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ପଦବୀ ପୂରଣ ନେଇ ୬ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ । ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ କୋମଳମତି ଶିଶୁଙ୍କ ମୂଳଦୁଆ ଗଠନ ଉପରେ ବେଶ ପ୍ରଭାବ ପରିଲକ୍ଷିତ ହେଉଛି। ଫଳରେ ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଇ ବେସରକାରୀ ସ୍କୁଲ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଗୁଣାତ୍ମକ ଶିକ୍ଷା ଦିଗରେ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରତି ଶ୍ରେଣୀ ପାଇଁ ଶିକ୍ଷକ ନିଯୁକ୍ତି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ମେଗା ସ୍ୱାସ୍ଥ୍ୟମେଳାରେ ୧୬୪୨ ରୋଗୀ ଚିକିତ୍ସିତ


ସ୍ୱାସ୍ଥ୍ୟମେଳାରେ ଉପସ୍ଥିତ ଅତିଥିମାନେ।

**ସୋର, ୪।୫(ଡି.ଏନ.ଏ.)**

ସୋର ମଙ୍ଗଳପୁର ଶ୍ରୀନିବାସ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଆୟୋଜିତ ହୋଇଥିଲା। ଏଥିରେ ୧୬୪୨ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ବଣ୍ଟନ କରାଯାଇଛି। ଏହି ଅବସରରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ସତ୍ୟନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତହସିଲଦାର ଡ. ଅଶୋକ କୁମାର ଦାସ, ବିଡିଓ ସୁଶାନ୍ତ କୁମାର ବାରିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ୍ ଜଗଦ୍ଦେବ, ୪୩ନଂ. ଜୋନ ପରିଷଦ ସଭ୍ୟା ରେବତୀ ନାୟକ , ଡିପିଏମ୍‌ଓ ଅନୀଲ କୁମାର ମହାନ୍ତି ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ସାଗର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କିତ ଓ ସରକାରୀ ବ୍ୟବସ୍ଥା ନେଇ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ବିଭାଗର ୨୦ଅଭିଜ୍ଞ ଡାକ୍ତରଙ୍କ ସହ ମାନସିକ ରୋଗ ଓ ଯୋଗ ବିଶେଷଜ୍ଞ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଶିବିରରେ ୧୮ ଜଣ ଚକ୍ଷୁ ରୋଗୀଙ୍କ ସ୍କ୍ରିନିଂ କରାଯାଇଥିଲା। ସୋର ସିଏଚ୍‌ସି ବିପିଏମ୍ ମୁକ୍ତିକାନ୍ତ ପାଣିଗ୍ରାହୀ, ପିଏଚ୍‌ଇଓ ବୈକୁଣ୍ଠନାଥ ଧାମୁଡିଆ, ଆଇସିଡିସି କାଉନ୍‌ସିଲର ଶମ୍ଭୁନାଥ ସାହୁ, ଏମ୍‌ପି ପ୍ରତିନିଧି ଶଙ୍କର୍ଷଣ ବାରିକ, ସ୍ୱାସ୍ଥ୍ୟ ସୁପରଭାଇଜର ପ୍ରଦୀପ କୁମାର ମହାପାତ୍ର, ପୀତାମ୍ବର ଜେନା, ବିଶ୍ୱନାଥ ପାତ୍ର ଓ ହେମଲତା ଧଡାଙ୍କ ସହ ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।

DADLS - 21
75 Azadi Ka Amrit Mahotsav
ଓଡ଼ିଶା ସରକାର



ମହାନ ବିପ୍ଳବୀ
ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୫ ମଇ, ୨୦୨୨

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଇ.ଏସ୍.ଆଇ ହସ୍‌ପିଟାଲ୍ ରାସ୍ତା ଛକସ୍ଥିତ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ସଭାପତି : –ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି : –ଶ୍ରୀଯୁକ୍ତ ପ୍ରେମାନନ୍ଦ ନାୟକ, ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
ସମ୍ମାନିତ ଅତିଥି : –ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ର, ମାନ୍ୟବର ବିଧାୟକ
–ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)
–ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ
–ଡଃ ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : –ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ, ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ

‘ଆଦୃତା’, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ‘କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦ’ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା ଧରଣୀଧର ଭୂୟାଁ । ତତ୍କାଳୀନ ରାଜା ଓ ରାଜ କର୍ମଚାରୀମାନଙ୍କର ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପ୍ରଜାମାନଙ୍କର ବେଠି ଖଟିବାକୁ ତୀବ୍ର ବିରୋଧ କରି ବିଦ୍ରୋହର ସୂତ୍ରପାତ କରିଥିଲେ ଧରଣୀଧର । ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ବିପ୍ଳବୀ ଧରଣୀଧରଙ୍କର ଦୁଃସାହସିକ ସଂଗ୍ରାମ ଓଡ଼ିଶା ଇତିହାସରେ ଅନନ୍ୟ । ଜନମାନସର ନେତା ଧରଣୀଧରଙ୍କର ଜାତିପ୍ରୀତି, ସାହସିକତା, ନିର୍ଭୀକତା, ଉଦ୍ଦାମତା ଓ ଆଦର୍ଶ ଆମକୁ ଚିର ଅନୁପ୍ରାଣିତ କରୁଥିବ ।

OIPR-15001/13/0038/2223

## ରଥ କାଠ ଅନୁକୂଳ

**ଢେଙ୍କିକୋଟ, (ଡି.ଏନ୍.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଜଗନ୍ନାଥ ମନ୍ଦିର କମିଟି ଦ୍ୱାରା ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁ ତିନିଠାକୁରଙ୍କ ଗୁଣ୍ଡିଚା ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଯଥାବିଧି ପୂଜାପାଠ କରାଯାଇ ଆରମ୍ଭ କରାଯାଇଛି। ଜଗନ୍ନାଥ ମନ୍ଦିର ପୂଜକ କଳାକାର ପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜାପାଠ କରାଯାଇଛି। ମନ୍ଦିର ପରିଚାଳନା କମିଟିରେ ସୁଶାନ୍ତ ମଣ୍ଡଳ, ନିଳମଣୀ ମଣ୍ଡଳ, ଦିଗାମ୍ବର ନାୟକ, ଅବନି ମହାପାତ୍ର, ଭୀମସେନ ସାହୁ, ରାଜେନ୍ଦ୍ର ନାଏକ, ବିଜୟ କୁମାର ମଣ୍ଡଳ, ଆଶିଷ କୁମାର ମଣ୍ଡଳ, ରାକେଶ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ନାୟକ, ରାମଚନ୍ଦ୍ର ସାହୁ ପ୍ରମୁଖ ଧଳାକାଠ, ଶାଳକାଠର ମାନ ପରଖିଥିଲେ।



# ସଂକ୍ଷେପରେ

## ମଲ୍ଲୀପଶିରେ ରଥ କାଠ ଅନୁକୂଳ

**ପାଟଣା,୪।୫(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ମଲ୍ଲୀପଶି ଠାରେ ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ ସମ୍ପନ୍ନ ହୋଇଛି। ମୂଷାଖରୀର ଗ୍ରାମଦେବୀ ମା' ବାଶୁଳିଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଅଣାଯିବା ପରେ ମୁଖ୍ୟ ବିଶ୍ୱକର୍ମା ସୁଦର୍ଶନ ନାଏକଙ୍କ ନେତୃତ୍ୱରେ ସମସ୍ତ ଦଇତାପତି ଓ ଆଦିତ୍ୟ ବାହିନୀର ସଦସ୍ୟଙ୍କ ଉପସ୍ଥିତିରେ କାଶିଆ ଜଙ୍ଗଲ କୁ ଯାଇଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଯାତ୍ରା ପାଇଁ ରଥ କାଠ କାର୍ଯ୍ୟରେ ଦୁର୍ଯ୍ୟୋଧନ ମହାନ୍ତ, ରଞ୍ଜନ ବାରିକ, ପାର୍ଥସାରଥୀ ବେଜ, ନିରାକାର ରଣା, ନିରାକାର ଦାସ, ସୁରେଶ ଚନ୍ଦ୍ର ନାଏକଙ୍କ ସମେତ ଦଇତାପତି ମାନେ ଉପସ୍ଥିତ ଥିଲେ। ବିଧି ଅନୁସାରେ ଅକ୍ଷୟ ତୃତୀୟା ଠାରୁ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଏଠାରେ ତିନି ବିଗ୍ରହ ଙ୍କ ପାଇଁ ତିନି ସ୍ୱତନ୍ତ୍ର ରଥ ନିର୍ମାଣ ହୁଏ।

## ମରଣାନ୍ତକ ଆକ୍ରମଣକାରୀଙ୍କୁ ୮ ମାସ ଜେଲ

**ଭଦ୍ରକ ଅଫିସ, ୪।୫:** ଭଦ୍ରକ ଜିଲା ଆଗରପଡ଼ା ଥାନା ସାହୁପଡ଼ା ଅଞ୍ଚଳର କୁକୁଡ଼ା ଚୋରିକୁ ନେଇ ଦୁଇଜଣ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ରବୀନ୍ଦ୍ର ବେହେରାଙ୍କୁ ବୁଧବାର ଭଦ୍ରକ ମାଜିଷ୍ଟ୍ରେଟ ମୁକ୍ତି ରଞ୍ଜନ ଶତପଥି ୩୨୩ ଦଫାରେ ଦୋଷୀ ସାବ୍ୟସ୍ତ କରି ୮ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ମୁତାବକ, ୨୦୨୧ ମାର୍ଚ୍ଚ ୯ ତାରିଖରେ ସାହୁପଡ଼ା ଅଞ୍ଚଳର ଜଣେ ମହିଳା ନିଜ କୁକୁଡ଼ାକୁ ଖୋଜି ନ ପାଇବାରୁ ରବୀନ୍ଦ୍ରଙ୍କୁ ପଚାରିଥିଲେ। ରବୀନ୍ଦ୍ର ହଠାତ ଉତ୍ୟକ୍ତ ହୋଇ ତାଙ୍କୁ ଗାଳି ଗୁଲଜ କରିଥିଲେ। ପାଟି ଶୁଣି ଉକ୍ତ ମହିଳାଙ୍କ ଶାଶୁ ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ରବୀନ୍ଦ୍ର ଏକ ବାଡ଼ିରେ ଦୁଇ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଉକ୍ତ ମହିଳଙ୍କ ଅଭିଯୋଗକ୍ରମେ ଆଗରପଡ଼ା ଥାନାରେ ଏକ ମାମଲା (ନଂ ୭୨/୨୧) ରୁଜୁ ହୋଇ ରବୀନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜତିକାନ୍ତ ନାୟକ ମାମଲା ପରିଚାଳନା କରିଥିଲେ।

## ପୁଅକୁ ଝୁରି ଝୁରି ଜୀବନ ହାରିଲେ ମା'

**ପଦ୍ମପୁର, ୪।୫(ଡି.ଏନ.ଏ.):** ପୁଅକୁ ଝୁରି ଝୁରି ଜୀବନ ହାରିଲେ ମା'। ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର ଜୋରାଗଡ଼ିଆ ଗ୍ରାମରେ। ସଂଘବଦ୍ଧ ଆକ୍ରମଣରେ ଏପ୍ରିଲ ୨୯ ତାରିଖରେ କରୁଣାକର ପ୍ରଧାନଙ୍କର ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପରେ ହେମ ପ୍ରଧାନ ମାନସିକ ସ୍ତରରେ ଗଭୀର ଆଘାତ ପାଇଥିଲେ। ପୁଅକୁ ଝୁରି ଝୁରି ତାଙ୍କ ଅବସ୍ଥା ଦିନକୁ ଦିନ ସଙ୍ଗୀନ ହେଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ଶବ ସତ୍କାର କରିବା ପାଇଁ କେହି ନ ଥିବା ବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କୁ ଅବଗତ କରାଇ ଥିଲେ। ଅପରାହ୍ନରେ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ନାୟକାଣିଡିହୀ ଥାନାରେ କରୁଣାକରଙ୍କ ମୃତ୍ୟୁକୁ ନେଇ ୨୨ ଜଣ ସମ୍ପର୍କୀୟଙ୍କ ନାମରେ ମାମଲା ଥିବାରୁ ଶବସତ୍କାର କରିବା ପାଇଁ କେହି ଉପସ୍ଥିତ ନ ଥିଲେ।

## ସ୍ୱାସ୍ଥ୍ୟମେଳାରେ ଯୋଗ ଦେଲେ ୧୦୭୮ ରୋଗୀ

**ଧାମନଗର, ୪।୫(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଆଦର୍ଶ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏବେ ସ୍ୱାସ୍ଥ୍ୟ ସେବା ରୋଗୀ ମାନଙ୍କ ନିକଟକୁ ଆସିବାର ଏହି ମେଳା ଏକ ମାଧ୍ୟମ ହୋଇଛି ବୋଲି ପ୍ରକାଶ କରିଥିଲେ। ଏହି ଶିବିରରେ ୧୦୭୮ ଜଣ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଫାର୍ମାଶିଷ୍ଟ ସାରଥୀ ପଣ୍ଡାଙ୍କ ଅଧକ୍ଷତାରେ ସ୍ଥାନୀୟ ବିଧାୟକ ବିଷ୍ଣୁ ଚରଣ ସେଠୀ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଯେନା, ସିଡିଏମଓ ସନ୍ତୋଷ କୁମାର ପାତ୍ର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ,ଏନ୍‌ଏସି ଚେୟାରମ୍ୟାନ ନିବେଦିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସେବା ପାଇଁ ମହିଳା ସ୍ୱାସ୍ଥ୍ୟକର୍ମୀ ଇନ୍ଦୁମତି ଦାସ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ରାଖାଲ ଚନ୍ଦ୍ର ପଲେଇ, ଆଶାକର୍ମୀ ଉମାମଣି ମହାଳିକ ପ୍ରମୁଖଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# ସରୁନି ପ୍ରକଳ୍ପ: ପାଣି ପାଇଁ ହାହାକାର

**ବନ୍ତ, ୪।୫(ଡି.ଏନ୍.ଏ.)**



ଭଦ୍ରକ ଜିଲା ବନ୍ତ ବ୍ଲକର ୨୫ ପଞ୍ଚାୟତରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ତାହା ଅସମ୍ପୂର୍ଣ୍ଣ ଥିବା ଯୋଗୁ ସାଧାରଣ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗତ ୫ ବର୍ଷ ପୂର୍ବେ ନିଳୋକ ଠାରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହାର ଜଳ ଧାରଣ କ୍ଷମତା ୫୦ ହଜାର ଲିଟର। ଏହି ପ୍ରକଳ୍ପ ଦ୍ୱାରା ଗ୍ରାମର ପ୍ରାୟ ୧ ହଜାର ଲୋକ ଉପକୃତ ହୋଇଥାନ୍ତେ। ମାତ୍ର ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିବା ପରେ ପରୀକ୍ଷା ମୂଳକ ଭାବେ କାର୍ଯ୍ୟକ୍ଷମ ନ କରି ଏହାକୁ ବନ୍ଦ ରଖାଯାଇଛି। ସେହିପରି ପରବର୍ତ୍ତୀ ଅବସ୍ଥାରେ ଭଣ୍ଡାରଗଡିଆ ଠାରେ ଆଉ ଏକ ନୂଆ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାହା ମଧ୍ୟ ଏବେ ଅସମ୍ପୂର୍ଣ୍ଣ ହୋଇ ପଡି ରହିଛି। ଶେଣ୍ଢୀରା ଠାରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ସାଧାରଣ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ବେହେରାଙ୍କୁ ପଚାରିବାରୁ ନିଳୋକରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ବେଳେ ଶେଣ୍ଢୀରାରେ କାର୍ଯ୍ୟ ସରି ଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

# ସର୍ଭେ ଟିମ୍‌ର ଜଣଙ୍କୁ ଅଟକ ରଖିଲେ ଗ୍ରାମବାସୀ

### ସୁବର୍ଣ୍ଣରେଖା ବନ୍ଦର ବିବାଦ

**ବାଲିଆପାଳ, ୪।୫(ସ୍ୱ.ପ୍ର.)**



ବାଲିଆପାଳ ପଞ୍ଚାୟତର କାର୍ଯ୍ୟାଳୟରେ ଭିଡ଼।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ବିବାଦ ଥମିବାର ନାଁ ଧରୁନି। ଗ୍ରାମବାସୀ ସଜାଗ ପ୍ରହରୀ ପରି ସମୁଦ୍ର ଓ ଉପକୂଳ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବୁଧବାର ମଧ୍ୟାହ୍ନରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରର ୬ଜଣିଆ ଟିମ୍ ଚୌମୁଖ ସମୁଦ୍ର ବେଳାଭୂମିରେ ସମୁଦ୍ରର ସର୍ଭେ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବେଳାଭୂମିରୁ ଧରି ଆଣି ପଞ୍ଚାୟତ କାର୍ଯ୍ୟାଳୟରେ ଅଟକ ରଖିଥିଲେ। ଅନ୍ୟ ୫ଜଣ ବେଳାଭୂମି ଜଙ୍ଗଲରେ ଲୁଚି ରହିଥିବା ନେଇ ଅନୁମାନ କରାଯାଉଛି। ଅଟକ ଯୁବକଜଣକ ଅଣଓଡ଼ିଆ। ତାଙ୍କ ନାମ ଅମର ଚତୁର୍ବେଦୀ ବୋଲି ସେ କହିଛନ୍ତି। ଧୀରେ ଧୀରେ ଚୌମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକ ଗହଳି ବଢ଼ିବାରେ ଲାଗିବା ସହିତ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି।

## ଶ୍ରମିକଙ୍କୁ ବସ୍ତ୍ର ବାଣ୍ଟିଲେ ଯୁବନେତା

**ଖଇରା, ୪।୫(ଡି.ଏନ.ଏ.)**

ଶ୍ରମିକ ଦିବସ ପାଳନ ଅବସରରେ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ପଞ୍ଚାୟତରେ ଭାଜପାକୁ ଶକ୍ତିଶାଳୀ କରିଥିବା ଯୁବନେତା ଦୈତାରୀ ପଣ୍ଡା ଜନହିତ ଯୁବକ ସଂଘର ସଦସ୍ୟଙ୍କ ସହଯୋଗରେ ବିଭିନ୍ନ ଆଦିବାସୀ ବସ୍ତିକୁ ଯାଇ ଲୋକଙ୍କୁ ବସ୍ତ୍ର ବଣ୍ଟନ କରିଛନ୍ତି । ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ ଏହି ଟିମ୍‌କୁ ଦେଖି ଆନନ୍ଦ ପ୍ରକାଶ କରିବା ସହ ବସ୍ତ୍ର ଗ୍ରହଣ କରିଥିଲେ। ଜନହିତ ଯୁବକ ସଂଘର ସଦସ୍ୟ ଭାର୍ଗବ ପାତ୍ର, ଅମୂଲ୍ୟ ବିନ୍ଧାଣି, ସୁକାନ୍ତ ମହାରଣା, ଆନନ୍ଦ ମହାରଣା, ଚିତ୍ତରଞ୍ଜନ ଲେଙ୍କା ପ୍ରମୁଖ ଏଥିରେ ସାମିଲ ଥିଲେ।

# ବିଭିନ୍ନ ସ୍ଥାନରେ ସିପିଏମ୍‌ର ବିକ୍ଷୋଭ




ଭଦ୍ରକଠାରେ ସିପିଏମ୍ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ କେନ୍ଦୁଝର, ୪।୫(ସ୍ୱ.ପ୍ର./ଡି.ଏନ.ଏ.)**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅଂଶଧନ ବିକ୍ରିକୁ ବିରୋଧ କରି ବୁଧବାର ସିପିଏମ୍ ପକ୍ଷରୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲାରେ ବିକ୍ଷୋଭ କରାଯାଇଛି। ଜୀବନ ବୀମା ନିଗମର ୩.୫ ପ୍ରତିଶତ ଅଂଶଧନ ବିକ୍ରି କରିବା ପାଇଁ ମେ ୪ରୁ ୯ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି।

ଏହାକୁ ବିରୋଧ କରି ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ଏଲ୍‌ଆଇସି ଅଫିସ ସାମ୍ନାରେ ସିପିଏମ୍ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ଏକ ଦାବିପତ୍ର ଏଲ୍‌ଆଇସି ଚେୟାରମ୍ୟାନଙ୍କ ନିକଟକୁ ପଠାଯାଇଛି। ପ୍ରତିବାଦ ସଭାରେ ସିପିଏମ୍ ଜିଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକ, ବିଜୟ ପାତ୍ର, ଶ୍ୟାମସୁନ୍ଦର ଜେନା, ରାଜକିଶୋର ଲେଙ୍କା, ପ୍ରଭାକର ବେହେରା, ଷ୍ଟାଲିନ ମିଶ୍ର ଓ ଅକ୍ଷୟ ରଣା ପ୍ରମୁଖ ସାମିଲ ଥିଲେ। ସିପିଏମ୍ ଭଦ୍ରକ ଜିଲା କମିଟି ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ବନ୍ତଛକ ଠାରୁ ବାହାରି ସହର ପରିକ୍ରମା କରିବା ପରେ ଏଲ୍‌ଆଇସି ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ, ଜିଲା କମିଟି ସଭ୍ୟ ବିକାଶ ନାଥ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ୨ଘଣ୍ଟିଆ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ବୀମା କର୍ମଚାରୀ ସଂଘର ନେତା ଚନ୍ଦ୍ରମୋହନ ହେମ୍ବ୍ରମଙ୍କ ସଭାପତିତ୍ୱରେ ପ୍ରଫେସର ଡ. ପ୍ରହ୍ଲାଦ ପତି, ବୀମା କର୍ମଚାରୀ ସଂଘର ନେତା ପ୍ରତାପ ପଟ୍ଟନାୟକ, ନବକିଶୋର ବେହେରା, ଆଇନଜୀବୀ ବିନୋଦ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି କେନ୍ଦୁଝରରେ ମଧ୍ୟ ସିପିଏମ୍ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। କେନ୍ଦୁଝର ଶାଖାର ଆବାହାକ ପୂର୍ଣ୍ଣଚନ୍ଦ୍ର ରାଉତ, ସିଟୁର ଅନନ୍ତ ମହାନ୍ତ, ସିପିଏମ୍‌ର କୋକିଳ ମହାନ୍ତ, ପ୍ରମିଳା ମହାନ୍ତ, ଦିଲ୍ଲୀପ କୁମାର ନାଏକ, ବ୍ରଜବନ୍ଧୁ ଜେନାଙ୍କ ସମେତ ବହୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଶାଖା ପରିଚାଳକଙ୍କୁ ପ୍ରଦାନ କରାଯାଇଥିଲା।

# ୧୪ ସଭ୍ୟଙ୍କୁ ସମ୍ବର୍ଦ୍ଧନା

### ରୋଟାରି କ୍ଲବ ବାଲେଶ୍ୱରରର ପ୍ରତିଷ୍ଠା ଦିବସ




କ୍ଲବ ସଭ୍ୟଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

**ବାଲେଶ୍ୱର ଅଫିସ, ୪।୫**

ବାଲେଶ୍ୱର ସହର ଏଡିଏମ୍ ଛକସ୍ଥିତ ରୋଟାରୀ କ୍ଲବ ପରିସରରେ କ୍ଲବର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ରୋଟାରୀ ଇଣ୍ଟରନ୍ୟାଶନାଲ ସଙ୍ଗଠନର ଏକ ଅଙ୍ଗ ସ୍ୱରୂପ ରୋଟାରୀ କ୍ଲବ ବାଲେଶ୍ୱର ରୋଟାରୀ ବର୍ଷ ୧୯୬୭-୬୮ର ମେ' ପହିଲାରେ ବାଲେଶ୍ୱରରେ ଜନ୍ମ ନେଇଥିବା ବେଳେ ୫୪ବର୍ଷର ଐତିହ୍ୟ ସମ୍ପର୍କରେ ବରିଷ୍ଠ ସଦସ୍ୟ ରୋଟାରିଆନ ସୁବ୍ରତ କୁମାର କର ଆଲୋକପାତ କରିଥିଲେ।

କ୍ଲବ ସଭାପତି ରାଜଲକ୍ଷ୍ମୀ ଜତି ସଭାପତିତ୍ୱ କରିଥିବା ବେଳେ ରୋ. ସୌରଭ କୁମାର ବେହେରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ କ୍ଲବର ବିଭିନ୍ନ ଜନହିତକର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏତାଦୃଶ କାର୍ଯ୍ୟାବଳୀରେ ସନ୍ତୁଷ୍ଟ ହୋଇ ବିବିଧ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଅନ୍ୟତମ ଅତିଥି ଭାବେ ପୌରାଧକ୍ଷା ସବିତା ସାହୁ ଯୋଗଦେଇ ରୋଟାରୀ କ୍ଲବ ବିଭିନ୍ନ ଜନହିତେଷି କାର୍ଯ୍ୟ କେମିତି ସ୍ଥାନୀୟ ତଥା ଗାଁ ଗହଳିରେ ଆଦୃତ ହେଉଛି ଏବଂ ଜନସାଧାରଣ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଲବର ବିଭିନ୍ନ ସେବା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ୧୪ଜଣ ସଭ୍ୟ ରୋ. ସୁବ୍ରତ କୁମାର କର, ଶାନ୍ତନୁକୁମାର ପାଣି, ଦେବେନ୍ଦ୍ର କୁମାର ଧଳ, ଉଦୟ ରଞ୍ଜନ ଦାସ, ସୌରଭ ବେହେରା, ପଦାରବିନ୍ଦ ମହାପାତ୍ର, ନିକୁଞ୍ଜ କୁମାର ମହାନ୍ତି, ମାତୃଦତ୍ତ ଦାସ, ସପନ ମହାପାତ୍ର, ସୁଧାଂଶୁ ପଣ୍ଡା, ଭି. ଉଦୟ କୁମାର, ପ୍ରଭଞ୍ଜନ ପାଢ଼ୀ, ପ୍ରବାଳ ସିହ୍ନା, ସନ୍ତୋଷ ନାହାକଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଦସ୍ୟ, ଇନରହୁଇଲ୍ ତଥା ରୋଟ୍ରାକ୍ଟର୍ସମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

**ମୋରଡା, ୪।୫ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଅବକାରୀ ଇନ୍ସପେକ୍ଟର ବିଜୟ ଲକ୍ଷ୍ମୀ ଦାସଙ୍କ ନେତୃତ୍ୱରେ ମୋବାଇଲ ଅବକାରୀ ସ୍କ୍ୱାଡ ମୋରଡା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ଘୋଡାବନ୍ଧା ଠାରେ ଏକ ଘରେ ବେଆଇନ ଭାବେ ବିକ୍ରି ହେଉଥିବା ଦେଶୀ ଓ ବିଦେଶୀ ମଦ ଦୋକାନରେ ଚଢ଼ାଉ କରି ମଦ ଜବତ କରିଥିବା ବେଳେ ଶେଫାଳି ମହାନ୍ତଙ୍କୁ ଗିରଫ କରିଛି। ସେହିପରି ମୋରଡା ପଞ୍ଚାୟତର ବଳଦିଆ ଗାଁରେ ଚଢ଼ାଉ କରି ୯ କୁଇଣ୍ଟାଲ ମହୁଲ ଜବତ କରିବା ସହିତ ଟୁନାରାମ ସୋରେନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅନ୍ୟପଟେ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କାଡ ମୋରଡା-କୋଷ୍ଟା ରାସ୍ତାର କୋଷ୍ଟା ଠାରେ ଏକ ବୋଲେରୋ ସହିତ ୯୦୦ ଲିଟର ଦେଶୀ ମଦ ଜବତ କରିଛି।

# କାଳବୈଶାଖୀ: ଉଡ଼ିଲା ବିଦ୍ୟାଳୟ ଛପର

**ଚମ୍ପୁଆ, ୪।୫(ଡି.ଏନ.ଏ.)**



କାଳବୈଶାଖୀରେ କ୍ଷତିଗ୍ରସ୍ତ ବିଦ୍ୟାଳୟ।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅର୍ଗତ ନନ୍ଦପୁର ଗ୍ରାମର ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ଯୋଗୁ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ମାଣାଧୀନ ୫ଟି କାର୍ଯ୍ୟ ଉଜୁଡି ଯାଇଥିବା ଦେଖିବାକୁ ମିଳିଛି। ପବନର ବେଗ ଏତେ ଅଧିକ ଥିଲା ଯେ ବିଦ୍ୟାଳୟର ନବନିର୍ମିତ ଛପର ପ୍ରାୟ ୨୦୦ ମିଟର ଦୂରକୁ ଉଡି ଯାଇଥିବା ବେଳେ ଛପରରୁ କେତେକ ଅଂଶ ଗଛରେ ଲାଗିଥିବା ଦେଖିବାକୁ ମିଳିଛି। ଏପରିକି କାନ୍ଥକୁ ମଧ୍ୟ ଦୋହଲେଇ ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ୧୯୭୭ ମସିହାରେ ନିର୍ମିତ ହୋଇଥିବା ଏହି ବିଦ୍ୟାଳୟ ଉନ୍ନତି ପାଇଁ ସରକାରଙ୍କ ୫ଟି ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲା। କ୍ଷୟକ୍ଷତି ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଠିକାଦାର ଇଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

# ଧୂମ୍‌ଧାମ୍‌ରେ ପାଳିଲେ ଇଦ୍

**ବାଙ୍ଗିରିପୋଷି,୪।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକରେ ମଙ୍ଗଳବାର ଧୂମ୍‌ଧାମ୍‌ରେ ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ସ୍ଥାନୀୟ ମସ୍‌ଜିଦରେ ଏକତ୍ର ହୋଇଥିଲେ। ସେଠାରେ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ବାଙ୍ଗିରିପୋଷିଠାରେ ଥିବା ମସ୍‌ଜିଦରେ ସରଫରାଜ୍ ନୁମାନୀ ୧ ମାସ ଧରି କୋରାନ ପାଠ କରି ମୁସଲମାନ ଭାଇମାନଙ୍କୁ ଶୁଣାଇଥିଲେ। ମସ୍‌ଜିଦର ସର୍ଦ୍ଦାର ତଥା ସଭାପତି ଏମଡ଼ି ମାଇନୁର୍ଦ୍ଦିନ, ସମ୍ପାଦକ ସେକ୍ ଆଫରଜ୍, କୋଷାଧକ୍ଷ ସେକ୍ ତାଜୁର୍ଦ୍ଦିନ ଓ ସେକ୍ ଆଜ୍ଜୁ, ଏସ୍.କେ. ସାକିଲ୍, ସେକ୍ ଫରମାନ ଅନସାରୀ, ସେକ୍ ଇସ୍‌ରାଇଲ, ସେକ୍ ଏହେସାନ, ମହମ୍ମଦ ସାଫିର ସାଗର, ଜମିର ଉର୍ଦ୍ଦିନ, ସେକ୍ ସାକିଲ, ନାଇମୁଦ୍ଦିନ, ରାହିମ, ସାନୱାଜ, ତାଫଜିଲ, ନାଇମ, ସେକ୍ ସଲିମ ପ୍ରମୁଖ ଇଦ୍ ପାଳନ କରିଥିଲେ।

# ଗ୍ଲୋବାଲ ସାଇନ୍ସ ଏକାଡେମୀର ନିର୍ଦ୍ଦେଶକଙ୍କ କ୍ଷେତ୍ର ପରିଦର୍ଶନ

**ପଦ୍ମପୁର, ୪।୫(ଡି.ଏନ.ଏ.)**

ମାଛ ମାନଙ୍କର ପ୍ରଜନନ ସମୟ ଥିବାରୁ ଏହି ସମୟରେ ମାଛ ମାରିବା ପାଇଁ ସମୁଦ୍ରକୁ ଯିବା ସରକାରଙ୍କ ପକ୍ଷରୁ କଟକଣା କରାଯାଇଛି। ଏହାଦ୍ୱାରା ହଜାର ହଜାର ମତ୍ସ୍ୟଜୀବୀ ଓ ଶ୍ରମିକ ମାନଙ୍କର ଜୀବନ ଜୀବିକା ପ୍ରଭାବିତ ହେଉଛି। ପ୍ରତି ବର୍ଷ ଏହିଭଳି କଟକଣା ଲାଗୁ ହେଉଥିବା ବେଳେ ମତ୍ସ୍ୟଜୀବୀଙ୍କର ଜୀବିକା ନିର୍ବାହ ପାଇଁ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଗ୍ଲୋବାଲ ସାଇନ୍ସ ଏକାଡେମୀର ନିର୍ଦ୍ଦେଶକ ଡ. ଅନୀଲ ପ୍ରତାପ ସିଂ, ଫେଲୋଶିପର ପରିଚାଳକ ଲଲାଟେନ୍ଦୁ ମହାନ୍ତି ମତ୍ସ୍ୟଜୀବୀଙ୍କର ଜୀବନ ଜୀବିକା ନେଇ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ଚୁଡ଼ାମଣି ସରପଞ୍ଚ ରାମଚନ୍ଦ୍ର ଗିରି, ଲାଇଫ ଲାଇନ ସାମାଜିକ ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, କଷିଆ ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା ତପନ କୁମାର ରାୟ, ନନ୍ଦ ମାନ୍ନା, ପରିମଳ ଦାସ, ସଚି ମାଇତି ପ୍ରମୁଖ ଉପସ୍ଥିତ ଥିଲେ।



ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରୁଛନ୍ତି।

# ସାହିତ୍ୟିକ ଭରତ ଚନ୍ଦ୍ର ପାତ୍ର ସମ୍ବର୍ଦ୍ଧିତ

**କେନ୍ଦୁଝର, ୪।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବରିଷ୍ଠ ସାହିତ୍ୟିକ ତଥା ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ଚନ୍ଦ୍ର ପାତ୍ରଙ୍କୁ ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ମେ ୨ତାରିଖରେ ଭୁବନେଶ୍ୱରରେ ଆୟୋଜିତ ପରିଷଦର ବାର୍ଷିକ ଉତ୍ସବରେ ପ୍ରତିଷ୍ଠିତ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଏହିସମ୍ବର୍ଦ୍ଧନା ଦିଆଯାଇଛି। ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥିଭାବେ ଲୋକସେବକ ମଣ୍ଡଳର ସର୍ବଭାରତୀୟ ସାଧାରଣ ସମ୍ପାଦକ ସମାଜସେବୀ ଡଃ ପ୍ରଭାସ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ଉପସଭାପତି ଡଃ ସଂଗ୍ରାମ ଜେନା, ସାହିତ୍ୟିକ ଆର୍ଯ୍ୟ ଯଜ୍ଞଦତ୍ତ, ବ୍ରଜବନ୍ଧୁ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ମୁଖପତ୍ର ବୁଦ୍ଧିଜୀବୀ ବାର୍ତ୍ତା ଉନ୍ମୋଚିତ ହୋଇଥିଲା। ଉକ୍ତ ଉତ୍ସବରେ ପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

# ପାଳନ ହେବ ସୁନ୍ଦରପୁର ରଜ ମହୋତ୍ସବ

### ରଜଦୋଳି, ମିନାବଜାର ଓ ଦେଶୀପିଠାର ମଜା ନେବେ ଦର୍ଶକ

**ଖଇରା, ୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚାଲିଆସୁଥିବା ରଜ ମହୋତ୍ସବ ୨ବର୍ଷ ଧରି ବନ୍ଦ ରହିବା ପରେ ଚଳିତବର୍ଷ ଧୁମଧାମ୍‌ରେ ପାଳିତ ହେବ । ଏଥର ମହୋତ୍ସବ ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳବାସୀ ଏଥରକ ରଜଦୋଳି, ମୀନାବଜାର, ଦେଶୀପିଠା ସାଙ୍ଗକୁ ରଜ କୁଇନମାନଙ୍କ ନୃତ୍ୟଗୀତର ଭରପୁର ମଜା ନେବେ। ଏହାପୂର୍ବରୁ ୧୨ ତାରିଖରେ ମା' ତାରିଣୀ ଯୁବ ପରିଷଦ ସହଯୋଗରେ ସୁନ୍ଦରପୁର ହାଇସ୍କୁଲ ପରିସରରେ ରକ୍ତଦାନ ଶିବିର ଆୟୋଜନ କରାଯିବ । କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ ଏକ ବୈଠକ ବୁଧବାର ସୁନ୍ଦରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ସୁରେନ୍ଦ୍ର ନାଥ ରାଉତ ଏଥିରେ ଅଧକ୍ଷତା କରିଥିଲେ। ଉପଦେଷ୍ଟା ଡା. ହରେକୃଷ୍ଣ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ସଂସ୍କୃତି ବିଭାଗ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପଦେଷ୍ଟା ନରହରି ନାୟକ, ପିତାମ୍ବର ନାୟକ, ଭଗବାନ ସ, ବିମଳ କୁମାର ଜେନା, କୈଳାସ ବେହେରା, ଗଜେନ୍ଦ୍ର ମହାନ୍ତି, ବାଲ୍ମିକୀ ନାୟକ, ସୌଭାଗ୍ୟ ସାହୁ ତଥା ଯୁବ ପରିଷଦ ସଭ୍ୟ ତାପସ ସ, ହିମାଂଶୁ ରାଉତ, ଜୟନ୍ତ ଦାସ, ସତ୍ୟ ମହାପାତ୍ର, ସୁକୁଟା ବେହେରା, ଚନ୍ଦନ ମୁଖି, ଦୀପକ ବେହେରା, ତାପସ ଦାସ, ବିରଞ୍ଚି ନାୟକ, ବବୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ରଜ ମହୋତ୍ସବ ପାଳନ ସମ୍ପର୍କରେ ଆଲୋଚନା କରାଯାଉଛି।

# ଖରାରେ କାମ କରୁଛନ୍ତି ଶ୍ରମିକ

### ଚିଠି କରି ଶ୍ରମ ବିଭାଗ ଚୁପ୍

**କେନ୍ଦୁଝର, ୪।୫ (ଡି.ଏନ୍.ଏ.)**

ଚଳିତ ବର୍ଷ ମାର୍ଚ୍ଚ ମାସରୁ ଦିନକୁ ଦିନ ଖରା ବଢିବାରେ ଲାଗିଛି। ଏପରିକି ଏପ୍ରିଲ ମାସରେ କେନ୍ଦୁଝରରେ ଖରା ପ୍ରାୟ ୪୦ଡିଗ୍ରୀ ଉପରେ ରହୁଛି। କେନ୍ଦୁଝରର ପୁରୁଖା ଲୋକମାନେ କହିଛନ୍ତି, ଏ ବର୍ଷ ଭୀଷଣ ଗରମ ହେଉଛି। ଏଭଳି ଗରମ କେବେ ଅନୁଭବ କରି ନ ଥିଲେ। ଜିଲାରେ ଖଣି ଖାଦାନ, ରାସ୍ତା ଓ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଯେଉଁ ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଉଛି ସେଥିପାଇଁ ଏଭଳି ଖରା ଅନୁଭୂତ ହେଉଛି ବୋଲି ସେମାନେ ମତ ଦେଇଛନ୍ତି। ଅନ୍ୟପକ୍ଷେ ଜିଲାରେ କାମ କରୁଥିବା ଶ୍ରମ ବିଭାଗ ଶ୍ରମିକ ମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କେବଳ ଗୋଟିଏ ଚିଠି କରିଦେଇ ଚୁପ୍ ହୋଇ ବସିବା ସମସ୍ତଙ୍କୁ ଚକିତ କରିଛି। ମାର୍ଚ୍ଚ ୧୬ ତାରିଖରେ ଜିଲା ଶ୍ରମ ବିଭାଗ ଉପଆୟୁକ୍ତ ପକ୍ଷରୁ ସମସ୍ତ ବିଭାଗକୁ ଏକ ଚିଠି କରାଯାଇଥିଲା । ଚିଠି ନଂ ୫୪୯(୪୩)/ଡି.ଏଲ୍.ସି, କେନ୍ଦୁଝର ସମସ୍ତ ବିଭାଗ, ଠିକାଦାର, କମ୍ପାନୀ ଗୁଡ଼ିକୁ ୩ ମାସ ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା୩୦ ପର୍ଯ୍ୟନ୍ତ କାମ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥା କାର୍ଯ୍ୟକାରୀ କରୁନାହାନ୍ତି। ଏହାବାଦ୍ ଜରୁରୀକାଳୀନ ଭିତ୍ତିରେ ଯେଉଁଠି କାମ ହେଉଥିବ ସେଠାରେ ପ୍ରଚୁର ମାତ୍ରାରେ ପାଣି ସହିତ ଓଆରଏସ୍ ମହଜୁଦ ରଖାଯିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ଖୁଲମ୍‌ଖୋଲା ଉଲ୍ଲଂଘନ କରାଯାଉଛି । ତେବେ ସବୁଠୁ ବଡ କଥା ହେଉଛି ଖରା ବେଳେ ହେଉଥିବା କାମ ବନ୍ଦ କରିବା ପାଇଁ ଶ୍ରମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ କିମ୍ବା ଜରିମାନା ମଧ୍ୟ ଆଦାୟ କରାଯାଉ ନାହିଁ। ଏସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟ ନାରାୟଣ ମାଲିଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବ୍ୟତୀତ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢାଉ ଜାରି ରହିଛି ବୋଲି ସେ କହିଛନ୍ତି।

